## ବାଇକ୍‌ରୁ ପଡ଼ି ଯୁବକ ଗୁରୁତର

ବେଲବାହାଲି, ୩।୮ (ସମିସ): ସାଇଁକୁଳ ଫାଣ୍ଡି ଅନ୍ତର୍ଗତ ପଥରପଦା ଗ୍ରାମର ସୁନୀଲ ଜେନା (୩୦) ସାଇଁକୁଳ ବଜାରକୁ ବାଇକ ଯୋଗେ ଯାଉଥିବା ବେଳେ ହଠାତ ଏକ କୁକୁର ଆସିଯିବାରୁ ସେ ଭାରସାମ୍ୟ ହରାଇ ତଳେ ତଳେ ପଡିଯାଇ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଉଦ୍ଧାର କରି ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କୁ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା କରିବା ପରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

## ଦିବାଲୋକରେ ଘର ତାଲା ଭାଙ୍ଗି ଚୋରି

ଚମ୍ପୁଆ, ୩।୮ (ସମିସ): ଚମ୍ପୁଆ ଥାନା ଗୋଧୂଳି ଗ୍ରାମର ଇଶ୍ୱର ନାଏକଙ୍କ ଘରେ ଦିନ ଦିପ୍ରହରେ ଘରେ କେହି ନଥିବା ସୁଯୋଗ ଦେଇ ତାଲା ଭାଙ୍ଗି ସୁନାଗହଣା ଲୁଟ କରିନେଇଥିବା ଚମ୍ପୁଆ ଥାନାରେ ଅଭିଯୋଗ ହୋଇଛି। ଇଶ୍ୱର ନାଏକ ତାଙ୍କ ପରିବାର ଘରେ ତାଲା ପକାଇ ବିଲ କାମକୁ ଯାଇଥିବା ବେଳେ ଦିନ ବେଳା ଚୋରମାନେ ସୁନାଗହଣା ଲୁଟି ନେଇଥିଲେ। ଏନେଇ ଚମ୍ପୁଆ ପୁଲିସ ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଛି। ସେହିପରି ଚମ୍ପୁଆ ଥାନା ଅନ୍ତର୍ଗତ ନାରଦପୁର ପ୍ରାଥମିକ ବିଦ୍ୟାଳୟରୁ ଶୁକ୍ରବାର ରାତିରେ ତାଲା ତାଡି ୨ ବସ୍ତା ଚାଉଳ, ସାମସଙ୍ଗ ଏଲଇଡି ଟିଭି, କାନ୍ଥ ଘଣ୍ଟା ଓ ଚୌକି ସହିତ ଟେବୁଲ ଫ୍ୟାନ ଚୋରି କରିନେଇଥିବା ଚମ୍ପୁଆ ଥାନାରେ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

## ମେଡିକାଲରୁ ପଦ୍ମନାଗ ଉଦ୍ଧାର

ରାମଚନ୍ଦ୍ରପୁର,୩।୮ (ସମିସ): ଘସିପୁରା ବ୍ଲକ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଏକ ବିଷଧର ପଦ୍ମନାଗ ସାପକୁ ଶନିବାର ଉଦ୍ଧାର କରାଯାଇ ଜଙ୍ଗଲ ପରିସରକୁ ଛାଡ଼ି ଦିଆଯାଇଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ସାପଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇ ପାଖ ଜଙ୍ଗଲରେ ଛାଡ଼ି ଦିଆଯାଇଛି। ସାପ ଉଦ୍ଧାର ହେବା ପରେ ଡାକ୍ତରଖାନାର କାର୍ଯ୍ୟ ସ୍ୱାଭାବିକ ହୋଇଛି। ବର୍ଷା ଦିନ ହୋଇଥିବାରୁ ପାଖ ପାହାଡ଼ରୁ ବିଷଧର ପଦ୍ମ ନାଗ ସାପ ଜନବସତି ଅଞ୍ଚଳକୁ ଚାଲି ଆସିଥିଲା। କିଛିଦିନ ତଳେ ସାଇଁକୁଳ ସବରେଜିଷ୍ଟ୍ରାର ଅଫିସ ଭିତରୁ ମଧ୍ୟ ଏକ ଅଜଗର ସାପ ଉଦ୍ଧାର କରାଯାଇଥିଲା।

## ଯୁବକଙ୍କ ଆତ୍ମହତ୍ୟା

ଯୋଡ଼ା, ୩।୮ (ସମିସ): ବାମେବାରୀ ଥାନା ଅନ୍ତର୍ଗତ ସିଲଯୋଡ଼ା ଗ୍ରାମର ଶୋଷ ବସ୍ତିରେ ଜଣେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ହେଉଛନ୍ତି ଶିବ ସୋଇ (୧୮)। ସେ ତାଙ୍କ ଭଉଣୀଙ୍କ ସହିତ ରହୁଥିଲେ। ପ୍ରାୟ ଦେଢ଼ ମାସ ହେବ ତାଙ୍କ ଭଉଣୀ କାମରେ ବାହାରକୁ ଯାଇଥିବାରୁ ଶିବ ଏକୁଟିଆ ରହୁଥିଲେ। ଗତକାଲି ବିଳମ୍ବିତ ରାତିରେ କୌଣସି କାରଣରୁ ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ସକାଳ ୮ଟା ପାଖାପାଖି ବସ୍ତି ଲୋକେ ଶିବଙ୍କ ଝୁଲନ୍ତା ଶରୀର ଦେଖି ପୁଲିସକୁ ଖବର କରିଥିଲେ। ପୁଲିସ ଶବକୁ ଉଦ୍ଧାରକରି ବ୍ୟବଚ୍ଛେଦ ପାଇଁ ପଠେଇବା ସହ ଏକ ଅପମୃତ୍ୟୁ ମାମଲାରେ ତଦନ୍ତ ଜାରି ରଖିଛି।

## ବରିଷ୍ଠ ଫୁଟବଲ ଖେଳାଳିଙ୍କ ପରଲୋକ



ଆନନ୍ଦପୁର, ୩।୮ (ସମିସ): ଆନନ୍ଦପୁର ଅଞ୍ଚଳର ବିଶିଷ୍ଟ ଫୁଟବଲ ଖେଳାଳି ତଥା ଖପରାଖାଇ ନିବାସୀ ଅକ୍ଷୟ ପଟ୍ଟନାୟକଙ୍କ ୮୭ ବର୍ଷରେ ପରଲୋକ ହୋଇଯାଇଛି। ସେ ସ୍ୱାସ୍ଥ୍ୟବିଭାଗରୁ ଅବସର ନେବାପରେ ସୁଣ୍ଡୁସୁଡ଼ିଆ ବାଇପାସ ଅଞ୍ଚଳରେ ରହୁଥିଲେ। ବିଭିନ୍ନ ସାମାଜିକ କାର୍ଯ୍ୟରେ ସହଯୋଗ କରିବାସହିତ ଅନେକ ଅନୁଷ୍ଠାନ ସହିତ ଜଡିତ ଥିଲେ। କିଛିଦିନ ଧରି ଅସୁସ୍ଥ ହୋଇ ନିଜ ଝିଅ ଘରେ ରହି ଚିକିତ୍ସିତ ହେଉଥିଲେ। ତାଙ୍କ ବିୟୋଗରେ ଖପରାଖାଇ ସମେତ ଆଖପାଖ ଅଞ୍ଚଳରେ ଦୁଃଖ ପ୍ରକାଶ ପାଇଛି। ସମାଜସେବୀ ବିରଞ୍ଚି ମହାପାତ୍ର ତାଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।

## ଡା କନକ ମହାପାତ୍ରଙ୍କ ବିୟୋଗରେ ଶୋକ



ଆନନ୍ଦପୁର,୩।୮ (ସମିସ): ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞ ଡାକ୍ତର କନକ ମହାପାତ୍ରଙ୍କ ପରଲୋକରେ ଆନନ୍ଦପୁରର ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ସ୍ୱର୍ଗତ ମହାପାତ୍ର ଶିଶୁ ବିଶେଷଜ୍ଞ ଭାବେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଦୀର୍ଘବର୍ଷ ଧରି କାର୍ଯ୍ୟକରି ସାଧାରଣ ଲୋକଙ୍କ ପ୍ରିୟ ହୋଇଥିଲେ। ଡାକ୍ତର ମହାପାତ୍ରଙ୍କ ନିସ୍ୱାର୍ଥପର ରୋଗୀସେବା ପାଇଁ ତାଙ୍କୁ ସବୁଦିନେ ଆନନ୍ଦପୁରର ଜନସାଧାରଣ ମନେ ରଖିଛନ୍ତି। ତାଙ୍କ ପରଲୋକରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପୂର୍ବତନ ବିଧାୟକ ଭାଗୀରଥି ସେଠୀ, ରାଜ୍ୟ କୃଷକମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ, ବିଜେପିନେତା ଡ. ଶମ୍ଭୁନାଥ ରାଉତ, ଭଗବାନ ସାହୁ, ଯୁବ ବିଜେଡି ନେତା ରାକେଶ ରାମ୍ ଶୋକବ୍ୟକ୍ତ କରିଛନ୍ତି।

## ଘର ଭାଙ୍ଗିଲା ଭୋକିଲା ଦନ୍ତା

ନାରଦପୁର,୩।୮ (ସମିସ): ଚମ୍ପୁଆ ରେଞ୍ଜ ନାରଦପୁର ପଞ୍ଚାୟତର ବଳଭଦ୍ରପୁର ଗ୍ରାମରେ ଏକ ଦନ୍ତା ହାତୀ ରାତିସାରା ଉତ୍ପାତ କରି ଘରକୁ ଭାଙ୍ଗି ଦେଇଛି। ହାତୀଟି ପାଇଁ ଗାଁଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଗତ ଶୁକ୍ରବାର ରାତି ପ୍ରାୟ ଗୋଟାଏ ବେଳକୁ ଜଙ୍ଗଲରୁ ହଠାତ୍ ବାହାରି ଗ୍ରାମର ରାମ ମୁଣ୍ଡାଙ୍କ ଘରର ସାମ୍ନା ପଟ କବାଟକୁ ଭାଙ୍ଗିବାରୁ



ଶୋଇଥିବା ଛୁଆପିଲା କୁଆଡେ ଯାଇପାରିଲେ ନାହିଁ। ହାତୀଟି ଧାନ ଖାଉଥିବା ବେଳେ କୌଶଳକରି ଫାଙ୍କା ଝରକାରେ ବାହାରି ଜୀବନ ବିକଳରେ ଦୌଡ଼ି ପଳାଇଥିଲେ। ହାତୀଟି ଧାନ ଖାଇଦେଇଥିବା ବେଳେ ଘରର ଆସବାବପତ୍ର ନଷ୍ଟ କରି ଦେଇଛି। ହାତୀଟିକୁ ଯେତେ ଘଉଡ଼ାଇଲେ ମଧ୍ୟ ଯାଉନାହିଁ। ଲୋକଙ୍କୁ ଦେଖିଲେ ଗୋଡ଼ାଉଛି। ଭୟରେ ଲୋକେ ରାତି ଉଜାଗର ରହୁଛନ୍ତି। ତୁରନ୍ତ ବନ ବିଭାଗ କ୍ଷତିପୂରଣ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ତନେଇପାଳ ବିଦ୍ୟାଳୟରୁ ଗଳୁଛି ପାଣି

# ଦୁଇ କୋଠରୀରେ ୫ଟି ଶ୍ରେଣୀର ଛାତ୍ରଛାତ୍ରୀ



ଆନନ୍ଦପୁର, ୩।୮ (ସମିସ): ଆନନ୍ଦପୁର ବ୍ଲକ କୋଡପଡା ପଞ୍ଚାୟତର ତନେଇପାଳ ପ୍ରାଥମିକ ବିଦ୍ୟାଳୟ ବିପଦସଂକୁଳ ହୋଇପଡିଛି। ବ୍ଲକ ସୀମାଞ୍ଚଳର ଆଦିବାସୀ ଇଲାକାରେ ଥିବା ଏହି ବିଦ୍ୟାଳୟ ବହୁ ପୁରାତନ। ପ୍ରାୟ ୧୯୮୯ରେ ନିର୍ମିତ ବିଦ୍ୟାଳୟ ଗୃହର ଛାତ ଦୁର୍ବଳ ହୋଇପଡି ସିମେଣ୍ଟ ଖଣ୍ଡ ଖସୁଥିବାରୁ ଛାତ୍ରଛାତ୍ରୀଙ୍କ ପାଇଁ ବିପଦ ସାଜିଛି। ପ୍ରଥମରୁ ପଞ୍ଚମ ଶ୍ରେଣୀରେ ୪୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି ହେଲେ ଶ୍ରେଣୀଗୃହ ଅଭାବରୁ ଦୁଇଟି କୋଠରୀରେ ୫ଟି ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ଦିଆଯାଉଛି। ଏନେଇ ଅବିଭାବକ ଅସନ୍ତୋଷ ପ୍ରକାଶ କରିଛନ୍ତି। କିଛିଦିନ ତଳେ ବିଦ୍ୟାଳୟ ମରାମତି ପାଇଁ ଆସିଥିବା ଅର୍ଥରେ କେବଳ ରଙ୍ଗ ମରାଯାଇଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଧର୍ମକୁ ଆଖି ଠାର ପରି ଶିକ୍ଷାଦାନ ବ୍ୟବସ୍ଥା କେବଳ କାମଚଳା ନୀତିରେ ଚାଲିଛି। ଦୁଇଟି କୋଠରୀରୁ ପାଣି ଗଳୁଥିବାରୁ ଅସରାଏ ବର୍ଷା ହେଲେ ଛାତ୍ରଛାତ୍ରୀ ଅସୁରକ୍ଷିତ ଅବସ୍ଥାରେ ରହିଛି। ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ବହୁବାର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ।

## ଅଙ୍ଗନବାଡ଼ି ଛାତରୁ ଖସୁଛି ପ୍ଲାଷ୍ଟର; ଅଭିଭାବକ ଆଶଙ୍କାରେ



ଚମ୍ପୁଆ,୩।୮ (ସମିସ): ଅଙ୍ଗନବାଡ଼ି ଶ୍ରେଣୀଗୃହ ଛାତର ଏକତୃତୀୟାଂଶ ପ୍ଲାଷ୍ଟର ଝଡ଼ିଯାଇ ରଡ ଦେଖାଯାଉଛି। ସାମାନ୍ୟ ବର୍ଷା ହେଲେ ପାଣି ଜମି ରହୁଛି। ଚମ୍ପୁଆ ବ୍ଲକ ବଡନଇ ପଞ୍ଚାୟତର ସାନନଇ (ଖ) କାଠୁଆଳିସାହି ଅଙ୍ଗନବାଡ଼ି କେନ୍ଦ୍ରଟି ବିପଦସଙ୍କୁଳ ଥିବାରୁ ପିଲାଙ୍କୁ ଛାଡ଼ିବାକୁ ଅମଙ୍ଗ ହେଉଛନ୍ତି ଅଭିଭାବକ। ଏହି କେନ୍ଦ୍ରର ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି। ଏଥିପାଇଁ ପ୍ରଶାସନ ପକ୍ଷରୁ କୌଣସି ବିହିତ ପଦକ୍ଷେପ ନିଆଯାଉ ନାହିଁ। ବିଦ୍ୟାଳୟର ଶିକ୍ଷକ ଓ ସହାୟିକା କେନ୍ଦ୍ର ଖୋଲିବା ପରେ ପ୍ରଥମେ ବର୍ଷାଜଳ ସଫାକରିବାକୁ ପଡୁଛି। ଏହି କେନ୍ଦ୍ରରେ ୨୬ ଜଣ ପିଲା ପଢୁଥିବା ବେଳେ ଅସୁରକ୍ଷିତ ପାଇଁ ଅନେକ ଅଭିବାଭକ ପିଲା ଛାଡିବାକୁ ଅମଙ୍ଗ ହେଉଥିବା କର୍ମୀ ଜୟଶ୍ରୀ ତିଉ ପ୍ରକାଶ କରିଛନ୍ତି। ଶ୍ରେଣୀଗୃହ ସହ ରୋଷେଇ ଘର ମଧ୍ୟ ସମାନ ଅବସ୍ଥା ରହିଛି। ଫଳରେ ପିଲାଙ୍କୁ ବାହାରେ ବସାଇ ଶିକ୍ଷାଦାନ କରାଯାଉଛି। ଏନେଇ ଚମ୍ପୁଆ ସିଡିପିଓ ଲକ୍ଷ୍ମୀକାନ୍ତି ମାରାଣ୍ଡି କହିଛନ୍ତି ଯେ କେନ୍ଦ୍ର ମରାମତି ପାଇଁ ୧ ମାସ ତଳେ ବିଡିଓଙ୍କ ମାଧ୍ୟମରେ ପ୍ରସ୍ତାବ ଦିଆଯାଇଛି, ଖୁବଶୀଘ୍ର ଏହାର ସମାଧାନ କରାଯିବ।

## ଚୋରା ଦେଶୀମଦ ଆଡ୍ଡାରେ ପୁଲିସ ଚଢ଼ଉ

**● ବିପୁଳ ମହୁଲ ପୋଚ ନଷ୍ଟ; ମାଫିଆ ଫେରାର୍**

ବାଲିବନ୍ଧ/ଚମ୍ପୁଆ/ତୁରୁମୁଙ୍ଗା, ୩।୮ (ସମିସ): ରବିବାର ସକାଳୁ ଝୁମ୍ପୁରା ପୁଲିସ ପକ୍ଷରୁ ବେନିୟମ ମହୁଲି ମଦ ପ୍ରସ୍ତୁତ ଆଡ୍ଡାଗୁଡିକରେ ଚଢ଼ଉ କରାଯାଇଛି। ଝୁମ୍ପୁରା ପଞ୍ଚାୟତ ଶ୍ରୀରାମପୁର ଗ୍ରାମର ଧାନବିଲ, ନାଳକୂଳ, ଗ୍ରାମ୍ୟ ଜଙ୍ଗଲ ଆଦି ସ୍ଥାନରେ ଚଢ଼ଉ କରାଯାଇ ୧୩ କ୍ୱିଣ୍ଟାଲ ମହୁଲ ପୋଚ ସହ ମହୁଲି ରନ୍ଧା ହେଉଥିବା ଚୂଲିଗୁଡିକୁ ନଷ୍ଟ କରାଯାଇଛି। ମଦ ପ୍ରସ୍ତୁତକାରୀମନେ ମାଫିଆମାନେ ଚଢ଼ଉ ଦଳକୁ ଦେଖି ଦୌଡ଼ି ପଳାଇଥିଲେ। ଥାନାଧିକାରିଣୀ ସମବାରୀ ହାଁସଦାଙ୍କ ନେତୃତ୍ୱରେ ଏକ ପୁଲିସ ଟିମ ଏହି ଚଢ଼ଉ କରିଥିଲା।

ସେହିପରି ଚମ୍ପୁଆ ଥାନା ନାରଦପୁର ଜଙ୍ଗଲରେ ପୁଲିସ ବେଆଇନ ଦେଶୀମଦ କାରବାର ଓ ରନ୍ଧା ମଦ ଆଡ୍ଡାରେ ଚଢଉ କରିଛି। ବିପୁଳ ମହୁଲି ପୋଚ ନଷ୍ଟ ସହ ରନ୍ଧା ପାଇଁ ବ୍ୟବହୃତ ସରଞ୍ଜାମ ନଷ୍ଟ କରାଯାଇଛି। ଥାନା ଏସଆଇ ଭଜରାଜ ସାହୁ, ନିରଂଜନ ବେହେରା ଓ ରିମୁଳି ଫାଣ୍ଡି ଅଧିକାରୀ ସନ୍ତୋଶ ନାଏକ ଏବଂ କନେଷ୍ଟବଳ ହରିଶଚନ୍ଦ୍ର ବାରିକ ମିଳିତ ଭାବରେ ନାରଦପୁର ଜଙ୍ଗଲରେ ଅତର୍କିତ ଚଢଉ କରିବା ଫଳରେ ମଦ ପ୍ରସ୍ତୁତ କରୁଥିବା ଲୋକେ ଫେରାର ହୋଇଯାଇଛନ୍ତି।

ସେହିପରି କେନ୍ଦୁଝର ଜିଲ୍ଲା ସାହାରପଡା ଫାଣ୍ଡି ଅନ୍ତର୍ଗତ ଭାଲିଆଡିହା ଗ୍ରାମର ନାଳକୂଳରେ ଦେଶୀ ମହୁଲି ମଦ ପ୍ରସ୍ତୁତି ସମୟରେ ପାଟଣା ଓ ସାହାରପଡା ପୁଲିସ ଚଢ଼ଉ କରି ୩ କ୍ୱିଣ୍ଟାଲ ମହୁଲ ପୋଚ ନଷ୍ଟ କରାଯାଇଛି। ପୁଲିସ ଚଢ଼ଉ ଦେଖି ଘଟଣା ସ୍ଥଳରୁ ମାଫିଆ ଫେରାର ହୋଇଥିବା ବେଳେ ପୁଲିସ ପୋଚ ନଷ୍ଟ କରିବା ସହ ମଦ ରନ୍ଧା ସାମଗ୍ରୀକୁ ଜବତ କରିଛି। ଚଢ଼ଉରେ ସାହାରପଡା ଫାଣ୍ଡି ଅଧିକାରୀ ପାର୍ତ୍ତ ଓରାମ, ପାଟଣା ଥାନା ଏସଆଇ ଗୌରହରି ଗାରଡିଆଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।

## ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ବିକ୍ଷୋଭ



ବାଲିବନ୍ଧ, ୩।୮ (ସମିସ): କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ଓଡିଶା ସ୍କୁଲ କଲେଜ ଶିକ୍ଷକ ଓ ଶିକ୍ଷାକର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଛଅଦଫା ଦାବିନେଇ ଝୁମ୍ପୁରା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଓଡ଼ିଶା ସରକାରଙ୍କୁ ବିଇଓଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଅଗଷ୍ଟ ମାସ ୮ ତାରିଖରେ କେନ୍ଦୁଝର ଜିଲ୍ଲାପାଳ ଓ କେନ୍ଦୁଝର ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଏଭଳି ସ୍ମାରକପତ୍ର ପ୍ରଦାନ କରାଯିବାର ସମୟ ଧାର୍ଯ୍ୟ ରହିଛି। ଅଗଷ୍ଟ ୧୬ ଦାବି ଦିବସରେ ଭୁବନେଶ୍ୱରରେ ରାଜ୍ୟର ସମସ୍ତ ସ୍କୁଲକଲେଜ କର୍ମଚାରୀ ଏଥିରେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ଓଷ୍ଟା ବ୍ଲକ ସମ୍ପାଦକ ଜଗବନ୍ଧୁ ମହାନ୍ତ, ଉପସଭାପତି ତଥା ଜିଲ୍ଲା ସମିତି ସଭ୍ୟ ଖଗେଶ୍ୱର ମହାନ୍ତ, ଜିଲ୍ଲାର ଇସି ମେମ୍ବର ଦିଲ୍ଲୀପ ମହାନ୍ତ, ସାହସମ୍ପାଦକ କମଳା ମହାନ୍ତ, ସୁଶୀଲ ନାୟକ, ଶିକ୍ଷକ ପ୍ରଦୀପ ମିଶ୍ର, ରାମଚନ୍ଦ୍ର ମହାନ୍ତ, ମଧୁସୂଦନ ଜେନା, ଦୁର୍ଯ୍ୟୋଧନ ମହାନ୍ତ, ହରିଶ୍ଚନ୍ଦ୍ର ମହାନ୍ତ, ବିନୋଦ ବିହାରୀ ମହାନ୍ତ, କୁଳମଣି ମହାନ୍ତ, ଡିସେନ୍ଦ୍ର ମହାନ୍ତ, ଯୋଗେନ୍ଦ୍ର ମହାନ୍ତ, ଜିତେନ୍ଦ୍ର ମିଶ୍ର ଉପସ୍ଥିତ ଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମୁକୁନ୍ଦ ଚରଣ ସାହୁ ସ୍ମାରକପତ୍ର ଗ୍ରହଣ କରିଥିଲେ।

## ବସ୍‌ରେ କଲେଜ ଛାତ୍ରୀଙ୍କୁ ଦୁର୍ବ୍ୟବହାର

**● ପ୍ରତିଆକ୍ରମଣରେ ଯୁବକ ଗୁରୁତର**

ତୁରୁମୁଙ୍ଗା, ୩।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବସଷ୍ଟାଣ୍ଡରେ ବସ ଭିତରେ ଜଣେ ଛାତ୍ରୀଙ୍କୁ ଦୁର୍ବ୍ୟବହାର ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ପାଟଣା ଆଞ୍ଚଳିକ ମହାବିଦ୍ୟାଳୟର ଯୁକ୍ତ ୩ କଳାର ପ୍ରଥମ ବର୍ଷ ଛାତ୍ରୀ ଏନସିସି କ୍ଲାସ ସାରି ଘରକୁ ଯିବା ପାଇଁ ବସରେ ବସିଥିବା ସମୟରେ ଜଣେ ଯୁବକ ନିଶାସକ୍ତ ଦୁର୍ବ୍ୟବହାର କରିଥିଲା। ଛାତ୍ରୀ ଜଣକ ଏହାକୁ ବିରୋଧ କରିବାରୁ ସ୍ଥାନୀୟ ଲୋକେ ଏବଂ ବସ ଯାତ୍ରୀ ଯୁବକଙ୍କୁ ମାଡ଼ ମାରି ପୁଲିସର ଜିମା ଦେଇଛନ୍ତି। ଯୁବକ ଜଣକ ଗୁରୁତର ହୋଇ ପାଟଣା ମେଡ଼ିକାରେ ଭର୍ତ୍ତି ହୋଇଥିବା ଛାତ୍ରୀ ମଧ୍ୟ ଯୁବକର ମାଡ଼ରେ ଆହତ ହୋଇଥିବା ଜଣାପଡ଼ିଛି। ପାଟଣା ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ କରୁଛି।

## ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ



ବାଲିବନ୍ଧ, ୩।୮ (ସମିସ): ଝୁମ୍ପୁରା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବ୍ଲକ୍‌ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଶନିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ହୃଦାନନ୍ଦ ଅଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ତହସିଲଦାର ରୋହିତ ବାଗ, ଝୁମ୍ପୁରା ଥାନାଧିକାରିଣୀ ସମବାରୀ ହାଁସଦା, ମୁଖ୍ୟମନ୍ତ୍ରୀଙ୍କ ଝୁମ୍ପୁରା ବ୍ଲକ୍ ପ୍ରତିନିଧି ମହେନ୍ଦ୍ର ପଟ୍ଟନାୟକ, ସାଂସଦ ପ୍ରତିନିଧି ପଞ୍ଚାନନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗର ଅଧିକାରୀ, ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ଖେଳଶିକ୍ଷକ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ଯୁବକ ସଂଘର ସଭାପତି, ସମ୍ପାଦକ, ସଦସ୍ୟ ତଥା ଝୁମ୍ପୁରାର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ସରକାରୀ ଉଚ୍ଚବିଦ୍ୟାଳୟ, ଝୁମ୍ପୁରା ଖେଳପଡିଆରେ ହେବାକୁ ଥିବା ସ୍ୱାଧୀନତା ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ତହସିଲଦାର ରୋହିତ ବାଗ ସକାଳ ୮ଟା ୪୫ମି.ରେ ଜାତୀୟ ପତାକା ଉତ୍ତୋଳନ କରିବେ। ପ୍ୟାରେଡ ଏବଂ ନୃତ୍ୟସଙ୍ଗୀତ, ରଚନା ଏବଂ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ। ୧୩ ତାରିଖ ସକାଳରୁ ସଫେଇ କାର୍ଯ୍ୟକ୍ରମ କରାଯିବା ନେଇ ନିଷ୍ପତ୍ତି ହୋଇଛି।

## ଯାନ୍ତ୍ରିକ ମହାବିଦ୍ୟାଳୟରେ ବୃକ୍ଷ ରୋପଣ

କେନ୍ଦୁଝର, ୩।୮ (ସମିସ): କେନ୍ଦୁଝରସ୍ଥିତ ସରକାରୀ ଯାନ୍ତ୍ରିକ ମହବିଦ୍ୟାଳୟଠାରେ ଏନ୍‌ଏସ୍‌ଏସ୍ ଓ ଏସ୍‌ଏସ୍‌ଜି ପକ୍ଷରୁ ବୃହତ୍ ବୃକ୍ଷ ରୋପଣ କାର୍ଯ୍ୟକ୍ରମ "ଏକ ପେଡ୍ ମା କେ ନାମ୍- ୨.୦ ଅଭିଯାନ' ଅନୁଷ୍ଠିତ ହୋଇଯାଇଛି। ରମେଶ ମିଶ୍ର ମୁଖ୍ୟଅତିଥି ଭାବେ ସଚେତନତା ସୃଷ୍ଟି କରିଥିଲେ। ମହାବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ପ୍ରଫେସର




ସରୋଜ ଷଡଙ୍ଗୀ ବନୀକରଣର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟଅତିଥିଙ୍କୁ ସମ୍ମାନପତ୍ର ପ୍ରଦାନ ସହ ମହାବିଦ୍ୟାଳୟର ସମସ୍ତ ଯାନ୍ତ୍ରିକ ବିଭାଗ ପ୍ରମୁଖ, ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ସହଯୋଗରେ ମହାବିଦ୍ୟାଳୟ ପରିସରରେ ଶତାଧିକ ବୃକ୍ଷରୋପଣ କରାଯାଇଛି। ଡ. ରାକେଶ ରଞ୍ଜନ ଶୁକ୍ଲା ଓ ସୀତାଂଶୁ ଦାସ ସଂଯୋଜନା କରିଥିଲେ।

## ଅଳତି ଶିଶୁମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ରାମଚନ୍ଦ୍ରପୁର,୩।୮ (ସମିସ): ଅଳତୀ ସରସ୍ୱତୀ ଶିଶୁ ମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟା ପ୍ରମୋଦିନି ରାଉତଙ୍କ ସଂଯୋଜନାରେ ପରିଚାଳନା ସଭାପତି ଡ. ରତିକାନ୍ତ ବରାଳ, ଯୁଗ୍ମସମ୍ପାଦକ ଦୁର୍ଯ୍ୟୋଧନ ସାହୁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଉଭୟ ଶିଶୁ ଓ ବାଲ୍ ବର୍ଗରୁ ୮୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ବେଳେ ବଳରାମଧର ହାଇସ୍କୁଲର ପୂର୍ବତନ ବିଜ୍ଞାନ ଶିକ୍ଷକ ବଳଭଦ୍ର

**୮୭ ପ୍ରକଳ୍ପ ପ୍ରଦର୍ଶିତ**



ବେହେରା, ସୁଆଁଲୋ ନୋଡାଲ ସ୍କୁଲ୍ ବିଜ୍ଞାନ ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ଓଝା ଓ ଦରିଦ୍ର ନାରାୟଣ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ସୁରେନ୍ଦ୍ରନାଥ ଜେନା ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ। ବାଲ୍ ବର୍ଗ ଓ ଶିଶୁ ବର୍ଗରୁ ମୋଟ ୧୦ଟି ବିଜ୍ଞାନ ପ୍ରକଳ୍ପ ସଙ୍କୁଳ ସ୍ତରକୁ ମନୋନୀତ ହୋଇଛି। ଗଣିତ ପ୍ରଶ୍ନମଞ୍ଚ, ବିଜ୍ଞାନ ପ୍ରଶ୍ନମଞ୍ଚ, ଓ ସଂସ୍କୃତି ଜ୍ଞାନ ପ୍ରଶ୍ନମଞ୍ଚରେ ମଧ୍ୟ ଉଭୟ ଶିଶୁ ଓ ବାଲ ବର୍ଗରୁ ସଙ୍କୁଳ ସ୍ତରକୁ ଶିଶୁମାନେ ମନୋନୀତ ହୋଇଛନ୍ତି।

## ବସ୍‌ଷ୍ଟାଣ୍ଡ ଶୌଚାଳୟର ହେଉନି ସଫେଇ

ଆନନ୍ଦପୁର, ୩।୮ (ସମିସ): ଆନନ୍ଦପୁର ଓ ଘସିପୁରା ସରକାରୀ ବସଷ୍ଟାଣ୍ଡର ସ୍ନାନାଗାର ଓ ଶୌଚାଳୟ ନିୟମିତ ସଫେଇ ହେଉ ନଥିବାର ଦୁର୍ଗନ୍ଧମୟ ପରିବେଶ ଯୋଗୁଁ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅସୁବିଧା ଯୋଗୁଁ ଯାତ୍ରୀମାନେ ଇତସ୍ତତ ହୋଇପଡୁଥିବାବେଳେ ମହିଳା ଯାତ୍ରୀମାନେ ବିଶେଷ ଅସୁବିଧା ଭୋଗ କରୁଛନ୍ତି। ଏହି ଦୁଇଟି ବସଷ୍ଟାଣ୍ଡରେ ପ୍ରତ୍ୟେକ ଦିନ ଶହ ଶହ ଯାତ୍ରୀ ବିଭିନ୍ନ ଜିଲ୍ଲାକୁ ବସ ଯୋଗେ ଯାତାୟତ କରିଥାନ୍ତି; ହେଲେ ବସଷ୍ଟାଣ୍ଡ ଭିତରେ ଥିବା ଶୌଚାଳୟରେ ଫିନାଇଲ୍, ବ୍ଲିଚିଂ ପାଉଡ଼ର

**ଯାତ୍ରୀ ହଟହଟା**

ପକାଯାଉ ନଥିବା କା କାରଣରୁ ଶୌଚାଳୟଟି ଦୁର୍ଗନ୍ଧମୟ ପରିବେଶରେ ରହିଛି। ଯାତ୍ରୀମାନେ ଏନେଇ ହଟହଟା ହେଉଥିବା ଦେଖାଯାଉଛି। ଏଜେନ୍ସି ପକ୍ଷରୁ ଶୌଚାଳୟର ପରିଷ୍କାର ପରିଛନ୍ନ ପାଇଁ ଫିନାଇଲ୍, ବ୍ଲିଚିଂ ପାଉଡ଼ର ସହ ଆବଶ୍ୟକ ସାମଗ୍ରୀ ଦିଆଯାଉ ନଥିବା ଅଭିଯୋଗ ହୋଇଛି। ଯାହାଫଳରେ ଶୌଚାଳୟଟି ଦୀର୍ଘଦିନ ଧରି ଦୁର୍ଗନ୍ଧମୟ ପରିବେଶରେ ରହିଛି। ଷ୍ଟାଣ୍ଡ ବାହାରେ ଅଳିଆ ଆବର୍ଜନା ପଡ଼ି ରହିଥିବା ଦେଖାଯାଇଛି। ଏପରିକି ଏଜେନ୍ସି ଆନନ୍ଦପୁର ବସଷ୍ଟାଣ୍ଡରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ଦୀର୍ଘ ୪ ମାସ ଧରି ଦରମା ଦେଇ ନଥିବାର ଅଭିଯୋଗ ହୋଇଛି। ପ୍ରଶାସନର ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ବ୍ୟବସାୟୀଙ୍କ ପରଲୋକରେ ଶୋକ



ବେଲବାହାଲି,୩।୮ (ସମିସ): ବେଲବାହାଲି ଗ୍ରାମର ବ୍ୟବସାୟୀ ତଥା ଧର୍ମପରାୟଣ ବ୍ୟକ୍ତି ନକୁଳ ଚରଣ ସାହୁ(୮୦)ଙ୍କ ପରଲୋକ ହୋଇଯାଇଛି। ସକାଳୁ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ସ୍ୱର୍ଗତ ସାହୁ ବେଲବାହାଲି ବଜାରରେ ବ୍ୟବସାୟ କରିବା ସହ ଗ୍ରାମରେ ଏକ ହନୁମାନ ମନ୍ଦିର ପ୍ରତିଷ୍ଠା କରିବାରେ ସହଯୋଗ କରିଥିଲେ। ବିଭିନ୍ନ ସାମାଜିକ ଅନୁଷ୍ଠାନର ବରିଷ୍ଠ କର୍ମକର୍ତ୍ତା ଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ବଜାର କମିଟିର ସଦସ୍ୟମାନେ ପରିବାରକୁ ସମବେଦନା ଜଣାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଗ୍ରାମସ୍ଥିତ କୁଶେଇ ନଦୀକୂଳରେ ଅନ୍ତିମ ସତ୍କାର କରାଯାଇଛି। ତାଙ୍କ ପରଲୋକରେ ରବିବାର ବେଲବାହାଲି ବଜାର ଅଞ୍ଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା।

# ନିର୍ମଳା କନ୍‌ଭେଣ୍ଟ ସ୍କୁଲରେ କ୍ରୀଡ଼ା ଉତ୍ସବ



କେନ୍ଦୁଝର,୩।୮ (ସମିସ): କେନ୍ଦୁଝର ମାଇନିଂ ରୋଡସ୍ଥିତ ନିର୍ମଳା କନଭେଣ୍ଟ ସ୍କୁଲରେ ରିଜିଓନାଲ ସ୍ତରରେ ଖୋ-ଖୋ ଓ ତାଇକ୍ୱୋଣ୍ଡୋ ଖେଳ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଡିଏଫ୍‌ଓ ଧନରାଜ ଏଚ୍ଡି ଯୋଗଦାନ କରିଥିଲେ। ବାଲେଶ୍ୱର, ବ୍ରହ୍ମପୁର, ଝାରସୁଗୁଡା, ବଲାଙ୍ଗିର, କଟକ ଓ ରାଉରକେଲା ଆଦି ୬ଟି ଜୋନରୁ ପ୍ରାୟ ୨୨୮ ଜଣ ଖେଳାଳି ଯୋଗଦାନ କରିଥିଲେ। ୧୪ ବର୍ଷରୁ କମ୍, ୧୭ ବର୍ଷରୁ କମ୍, ୧୯ ବର୍ଷରୁ କମ୍ ଏହିପରି ୩ଟି ବର୍ଗରେ ଖେଳାଳିମାନେ ଦକ୍ଷତା ପ୍ରଦର୍ଶନ କରିଥିଲେ। ଆଞ୍ଚଳିକ ମୁଖ୍ୟ ସିଷ୍ଟର ଡ ଯସମେରିଆଙ୍କ ତତ୍ତ୍ୱାବଧାନରେ ଏବଂ ନିର୍ମଳା କନଭେଣ୍ଟ ସ୍କୁଲର ପ୍ରିନ୍ସପାଲ ସିଷ୍ଟର ମେରିଏଟ୍ ଓ ଭାଇସ୍ ପ୍ରିନ୍ସପାଲ ସିଷ୍ଟର ଟେସନ୍‌ଙ୍କ ସହଯୋଗରେ ଖୁବ୍ ଶୃଙ୍ଖଳାର ସହିତ ଖେଳଗୁଡିକ ସଂପନ୍ନ ହୋଇଥିଲା। ଆୟୋଜକ ସ୍କୁଲର କୁନି କୁନି ପିଲାମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କେନ୍ଦୁଝରଗଡ ପୌରାଧ୍ୟକ୍ଷା ନିକୁ ସାହୁ ମୁଖ୍ୟଅତିଥି ଭାବେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ସାନ୍ଧ୍ୟ ଅଧିବେଶନ ଆରମ୍ଭ ହୋଇଥିଲା। କ୍ରୀଡ଼ାରେ ୧୪ ଜଣ ରେଫରୀ, କୋଚ୍, ନିର୍ମଳା କନଭେଣ୍ଟ ସ୍କୁଲର ଖେଳ ଶିକ୍ଷକ ତଥା ଅନ୍ୟାନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ। ୧୯ ବର୍ଷରୁ କମ୍ ବର୍ଗରେ ବାଲେଶ୍ୱର ଜୋନ୍ ଚାମ୍ପିଅନ୍ ହୋଇଥିବାବେଳେ ରାଉରକେଲା ଜୋନ୍ ପ୍ରଥମ ରନର୍ସଅପ୍ ହୋଇଥିଲା। ସେହିପରି ୧୭ ବର୍ଷରୁ କମ୍ ବର୍ଗରେ ବାଲେଶ୍ୱର ଜୋନ୍ ଚାମ୍ପିଅନ୍, ବ୍ରହ୍ମପୁର ଜୋନ୍ ପ୍ରଥମ ରନର୍ସଅପ୍ ଓ କଟକ ଜୋନ୍ ଦ୍ୱିତୀୟ ରନର୍ସଅପ୍ ହୋଇଥିଲା। ୧୪ ବର୍ଷରୁ କମ୍ ବର୍ଗରେ ବାଲେଶ୍ୱର ଜୋନ୍ ଚାମ୍ପିଅନ୍, ବ୍ରହ୍ମପୁର ଜୋନ୍ ପ୍ରଥମ ରନର୍ସଅପ୍ ଓ ବଲାଙ୍ଗିର ଜୋନ୍ ଦ୍ୱିତୀୟ ରନର୍ସଅପ୍ ହୋଇଥିଲା। ତାଇକ୍ୱୋଣ୍ଡୋ ପ୍ରତିଯୋଗିତାରେ ବାଲେଶ୍ୱର ଜୋନ୍ ୮ଟି ପଦକ ହାସଲ କରିଥିବା ଜଣାପଡିଛି।

## ନିଯୁକ୍ତି ପରେ ବିଦ୍ୟାଳୟରୁ ଖୋଲିଲା ତାଲା

ଆନନ୍ଦପୁର, ୩।୮ (ସମିସ): ଶିକ୍ଷକ ନିଯୁକ୍ତି ଦାବିକରି ଆନନ୍ଦପୁର ବ୍ଲକର କୋଡ଼ପଡ଼ା ବିଦ୍ୟାଳୟରେ ଛାତ୍ରଛାତ୍ରୀ ଓ ଅଭିଭାବକ ତାଲା ପକାଇ ଦେଇଥିଲେ। ଫଳରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିଲା। ଆବଶ୍ୟକ ଶିକ୍ଷକ ନିଯୁକ୍ତି ପାଇଁ ଅଭିଭାବକମାନେ ବାରମ୍ବାର ଅଧିକାରୀଙ୍କୁ ଦେଖାକରି ଅଲୋଚନା କରି ବିଫଳ ହେବା ପରେ ବିଦ୍ୟାଳୟ ଫାଟକରେ ତାଲ ତାଲା ପକାଇ ପ୍ରତିବାଦ କରିଥିଲେ। ଘଟଣା ଜଣାପଡିବା ପରେ ଆନନ୍ଦପୁର ଗୋଷ୍ଠୀ ଶିକ୍ଷାଧିକାରୀ ନିକଟସ୍ଥ ବିଦ୍ୟାଳୟରୁ ଜଣେ ଶିକ୍ଷକଙ୍କୁ ଡେପୁଟେସନରେ ପଠାଇବା ପରେ ଛାତ୍ରଛାତ୍ରୀ ପ୍ରତିବାଦରୁ ଓହରିଛନ୍ତି। ଏହି ସରକାରୀ ପ୍ରାଥମିକ ବିଦ୍ୟାଳୟର ୫ଟି ଶ୍ରେଣୀରେ ୬୦ରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ପାଞ୍ଚଟି ଶ୍ରେଣୀ ପାଇଁ ଜଣେ ଶିକ୍ଷୟିତ୍ରୀ। ଫଳରେ ପାଠପଢ଼ାରେ ବହୁ ଅସୁବିଧା ଓ ଅବ୍ୟବସ୍ଥା ପରିଲକ୍ଷିତ ହେଉଥିବା ଅଭିଭାବକ ଏବଂ ଛାତ୍ରଛାତ୍ରୀ ଅଭିଯୋଗ କରିଛନ୍ତି। ଶିକ୍ଷକ ନ ଥିବାରୁ ପାଠପଢ଼ା ଛାଡ଼ି ପିଲାମାନେ ଖେଳକୁଦରେ ମାତୁଛନ୍ତି। ମଧ୍ୟାହ୍ନ ଭୋଜନ ପରିଚାଳନାରେ ମଧ୍ୟ ବହୁ ଅସୁବିଧା ଦେଖିବାକୁ ମିଳୁଛି।

**● ଚମ୍ପୁଆ ଘରୋଇ ବସ୍ ମାଲିକ ସଂଘ ନିର୍ବାଚନ**

## ଦିଲ୍ଲୀପ ସଭାପତି ଓ ଉତ୍ତମ ସମ୍ପାଦକ




ଚମ୍ପୁଆ, ୩।୮ (ସମିସ): ଚମ୍ପୁଆ ଘରୋଇ ବସ ମାଲିକ ସଂଘ ନିର୍ବାଚନ ବହୁ ବାଦବିବାଦ ପରେ ଶେଷ ହୋଇଛି। ଶେଷରେ ଚୟନ ପ୍ରକ୍ରିୟା ମାଧ୍ୟମରେ ଦିଲ୍ଲୀପ ମହାନ୍ତ ସଭାପତି ଏବଂ ସମ୍ପାଦକ ଭାବେ ଉତ୍ତମ କୁମାର କରଙ୍କୁ ଚୟନ କରାଯାଇଛି। ୪ ମାସ ହେବ ସଂଘ ନିର୍ବାଚନକୁ ନେଇ ବାଦାନୁବାଦ ଚାଲିଥିଲା। ଉଭୟ ଗୋଷ୍ଠୀ ଚମ୍ପୁଆ ଉପଜିଲ୍ଲାପଳଙ୍କ ଦ୍ୱାରସ୍ଥ ହେଲା ପରେ ମଧ୍ୟ ଆଲୋଚନାର ନିଷ୍କର୍ସ ବାହାରିପାରି ନଥଇଲା। ପରେ ଉପଜିଲ୍ଲାପାଳ ୬୭ ଜଣଙ୍କ ନଥିପତ୍ର ଯାଞ୍ଚ ପାଇଁ ଆର୍‌ଟିଓଙ୍କୁ ସୂଚନା ଦେଇଥିଲେ। ନିର୍ବାଚନ ପ୍ରସ୍ତୁତି ଆରମ୍ଭ କରିବା ସହିତ ଗତ ୨ ତାରିଖ ଚୟନ ପ୍ରକ୍ରିୟାରେ ପ୍ରତିନିଧି ଚୟନ କରିଥିଲେ। ଉପସଭାପତି ସମନାଥ ନନ୍ଦ, ସହସମ୍ପାଦକ ରଂଜନ ରଶ୍ମି ଭଂଜଦେଓ, କୋଷାଧକ୍ଷ ଇଶ୍ୱାର ଅଲିଙ୍କୁ ଚୟନ କରାଯାଇଥିବା ବେଳେ ୮ ଜଣ କାର୍ଯ୍ୟନିର୍ବାହୀ ସଦସ୍ୟ ଚୟନ ହୋଇଛନ୍ତି। ସଂଘ କାର୍ଯ୍ୟାଳୟ ସଭାଗୃହଠାରେ ଆଇନଜୀବୀ ପ୍ରିୟନାଥ ପତି ସମସ୍ତଙ୍କ ଶପଥ ପାଠ କରାଇଥିଲେ। ଚମ୍ପୁଆ ଏନଏସି ଅଧକ୍ଷ ଗିରିଜା ଶଙ୍କର ସାହୁ ମୁଖ୍ୟଅତିଥିଙ୍କ ସହ ସୁବାସ ରାମ, ରିଙ୍କୁ ବେହେରା ଉପସ୍ଥିତ ଥିଲେ।

### ରାଜସ୍ୱ ଅମଲା ସଂଘ ବାଲେଶ୍ୱର ଶାଖାର ସାଧାରଣ ପରିଷଦ ବୈଠକ

# ୧୧ରୁ ସମୂହ ଛୁଟି, ଜୋରଦାର ହେବ ଆନ୍ଦୋଳନ

ବାଲେଶ୍ୱର,୩।୮ (ସମିସ)



ଚଳିତ ମାସ ୧୧ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମସ୍ତ ରାଜସ୍ୱ ଅମଲାମାନେ ସାମୁହିକ ଛୁଟିରେ ରହି ଜୋରଦାର ଆନ୍ଦୋଳନ କରାଯିବ ବୋଲି ଆଜି ଜିଲ୍ଲାପାଳଙ୍କ ଅଡିଟରିୟମ ହଲ ପରିସରରେ ଅନୁଷ୍ଠିତ ଓଡ଼ିଶା ରାଜସ୍ୱ ଅମଲା ସଂଘ ବାଲେଶ୍ୱର ଶାଖାର ସାଧାରଣ ପରିଷଦ ବୈଠକରେ ଜିଲ୍ଲା ସଭାପତି ରୂପକ କୁମାର ଦାସ, ସମ୍ପାଦକ ସ୍ୱସ୍ତିକ ଦାସ, କୋଷାଧ୍ୟକ୍ଷ ସତ୍ୟାନନ୍ଦ ବେହେରା, ସଙ୍ଗଠନ ସମ୍ପାଦକ ମନୋଜ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ ଉତ୍ତମ କୁମାର ଦେ ଓ ରାଜ୍ୟ ଯୁଗ୍ମ ସମ୍ପାଦକ ପାର୍ଥ ସାରଥୀ ଅଗସ୍ତି ସୂଚନା ଦେଇଛନ୍ତି।

ଏହି ବୈଠକରେ ମୁଖ୍ୟଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର ଯୋଗଦେଇ ସଂଘ ପକ୍ଷରୁ କରାଯାଇଥିବା ବିଭିନ୍ନ ଦାବି ଉପରେ ଆଲୋଚନା କରିଥିଲେ। ଏହାଛଡା ଯେତେ ପର୍ଯ୍ୟନ୍ତ ସରକାର ଦାବିଗୁଡିକ ପୂରଣ କରି ନୋଟିଫିକେସନ ବାହାର ନ କରିବେ ସେ ସମୟ ପର୍ଯ୍ୟନ୍ତ ଉକ୍ତ ଆନ୍ଦୋଳନ ଜାରି ରହିବ ଏବଂ ଜନସାଧାରଣଙ୍କ ଅସୁବିଧା ପାଇଁ ସରକାର ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ଏହି ବୈଠକରେ ଚେତାବନୀ ଦିଆଯାଇଛି। ବିଶେଷ କରି ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କର ୧୦ଦଫା ଦାବି ପୂରଣ କରିବା ପାଇଁ ରାଜ୍ୟ ସରକାରଙ୍କୁ ବାରମ୍ବାର ଗୁହାରି କରିବା ପରେ ରାଜ୍ୟ ସରକାର ଗତ ଜୁଲାଇ ୯ରେ ରାଜ୍ୟସଂଘର ଶୀର୍ଷ ନେତୃବୃନ୍ଦଙ୍କ ସହିତ ଆଲୋଚନା କରି ଅତିଶୀଘ୍ର ଅର୍ଥାତ ୭ରୁ୧୫ ଦିନ ଭିତରେ ଦାବିଗୁଡିକୁ ପୂରଣ କରିବାର ପ୍ରତିଶୃତି ଦେଇଥିଲେ। ତେବେ ଜୁଲାଇ ମାସ ୧୪ତାରିଖରେ ହେବାକୁ ଥିବା ରାଜସ୍ତ ଅମଲାମାନଙ୍କ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ଚଳିତ ମାସ୧୦ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଯିବାର ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ରାଜ୍ୟ ସରକାର ରାଜସ୍ୱ ଅମଲାମାନଙ୍କର ଦାବିଗୁଡିକୁ ପୂରଣ କରିବା ତ ଦୂରର କଥା, କଟା ଘା' ରେ ଚୂନ ଲଗାଇବା ପରି ସେମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରିବା ସହ ରାଜସ୍ୱ ସେବା ପଦ୍ଧତିରେ ସେମାନଙ୍କର ପଦୋନ୍ନତିକୁ କୁଠାରଘାତ ସଦୃଶ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଯାହା ଫଳରେ ସମସ୍ତ ରାଜସ୍ୱ ଅମଲାମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହିତ ସେମାନେ ହତୋତ୍ସାହ ହୋଇପଡିଛନ୍ତି। ଗୋଟିଏ ପଟେ ତାଙ୍କର ପଦବୀ ପୁନର୍ଗଠନ ଆଳରେ ବର୍ଷ ବର୍ଷ ଧରି ସାଧାରଣ ପ୍ରମୋଶନକୁ ଅଟକାଇ ରଖାଯିବା ହେତୁ ସେମାନଙ୍କ ମଧ୍ୟରୁ କେତେକ ଅବସର ନେଇ ଗଲେଣି ହେଲେ ତାଙ୍କର ନାର୍ଯ୍ୟ ପ୍ରାପ୍ତିରୁ ତାଙ୍କୁ ବଞ୍ଚିତ କରାଇ ଦିଆଯାଉଛି। ସେମାନେ କାର୍ଯ୍ୟ ଦକ୍ଷତା ସମ୍ପନ୍ନ ହୋଇ ତୃଣମୂଳ ସ୍ତରରେ ସରକାରଙ୍କ ବ୍ୟାପକ ଯୋଜନା ଗୁଡିକୁ ଲୋକମାନଙ୍କ ପାଖରେ ପହଁଚାଇ ଆସୁଥିଲେ ସୁଦ୍ଧା ସରକାର ସେମାନଙ୍କୁ ଅଣଦେଖା କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଏଣୁ ସେମାନଙ୍କର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ନିଷ୍ପତି ଅନୁସାରେ ରାଜ୍ୟର ସମସ୍ତ ସାଂସଦ ଓ ବିଧାୟକ ମାନଙ୍କୁ ୧୦ଦଫା ଦାବି ଗୁଡିକ ବିଷୟରେ ଅବଗତ କରାଇବା ଏବଂ ସରକାରଙ୍କ ପାଖରେ ଏହି ଦାବିଗୁଡିକୁ ପହଞ୍ଚାଇବା ସକାଶେ ପଦକ୍ଷେ ନିଆଯିବ। ଯଦି ସଠିକ ସମୟରେ ଫଳାଫଳ ନ ଆସେ ତେବେ ଆନ୍ଦୋଳନକୁ ଓହ୍ଲାଇବାର ନିଷ୍ପତି ନିଆଯାଇଛି। ଏ ନେଇ ଗତମାସ ୧୭ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ପତ୍ର ପ୍ରଦାନ କରାଯାଇଛି ବୋଲି କୁହାଯାଇଛି। ବିଶେଷ କରି ସଂଘ ପକ୍ଷରୁ କରାଯାଇଥିବା ଦାବି ଗୁଡିକ ମଧ୍ୟରେ ଜିଲ୍ଲା ସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ମୂଳ ଦରମା ଓଆରଏସପି ୨୦୧୭ ନିୟମ ଅନୁଯାୟୀ ଲେବେଲ ୯କୁ ବୃଦ୍ଧି କରାଇବା, ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ଅଭିଯୋଗ ବିଭାଗର ସଂକଳ୍ପ ପତ୍ର ସଂଖ୍ୟା ୮୮୯୮ ତା୧୫/୩/୨୪ ଅନୁଯାୟୀ ସମସ୍ତ ୩୦ଟି ଜିଲ୍ଲାପାଳମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ କରାଯିବା, ରାଜ୍ୟରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଲାଗୁ କରାଯିବା,୧୯୯୦ମସିହାରେ ଲାଗୁ କରାଯାଇଥିବା ନିୟମାବଳୀ ଅନୁଯାଇ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରଦାନ କରାଯିବା, ସରକାରୀ କର୍ମଚାରୀଙ୍କୁ ପୁରାତନ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ଆଦି ୧୦ଦଫା ଦାବି ଉପରେ ଆଲୋଚନା କରାଯାଇଥିଲା। ଏଣୁ ଯଦି ରାଜ୍ୟ ସରକାର ଚଳିତ ମାସ ୧୦ତାରିଖ ମଧ୍ୟରେ ଦାବିଗୁଡିକ ପୂରଣ ନ କରନ୍ତି ତାହେଲେ ରାଜ୍ୟ ସଂଘର କାର୍ଯ୍ୟକାରିଣୀ ବୈଠକରେ ଗୃହୀତ ହୋଇଥିବା ନିଷ୍ପତ୍ତି ଅନୁସାରେ ଆସନ୍ତା ୧୧ତାରିଖ ଠାରୁ ସାମୁହିକ ଛୁଟି ସହ ଆନ୍ଦୋଳନ କରାଯିବ ବୋଲି ଏହି ବୈଠକରେ କୁହାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଂଘର ସଙ୍ଗଠକ ସମ୍ପାଦକ ରମାକାନ୍ତ ସାହୁ, ରାଜ୍ୟ ସଂଘର କୋଷାଧ୍ୟକ୍ଷ କୀର୍ତି ରଞ୍ଜନ ପ୍ରଧାନ ଏବଂ ଢେଙ୍କାନାଳ ଜିଲ୍ଲା ସଂଘର ସଭାପତି ବିଭୂତିଭୂଷଣ ପଟ୍ଟନାୟକଙ୍କ ସହ ଅନ୍ୟମାନେ ଯୋଗଦେଇଥିଲେ।

## ଅଗ୍ନି ନିରାପତ୍ତା ଉପରେ ସଚେତନତା ଶିବିର



ବାଲେଶ୍ୱର, ୩।୮(ସମିସ): ରାଇସ ମିଲର୍ସ କନସରସିଅମ ପ୍ରା. ଲି. ତରଫରୁ ସ୍ଥାନୀୟ ସୋମନାଥପୁରଠାରେ ଥିବା କାରଖନାରେ ଟିପିଏନଓଡିଏଲ ତରଫରୁ ବୈଦ୍ୟୁତିକ ଏବଂ ଅଗ୍ନି ନିରାପତ୍ତା ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ କମ୍ପାନୀର ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଦୀପକ ରଞ୍ଜନ ଦାସ ଏବଂ କମ୍ପାନୀର କାର୍ଯ୍ୟନିର୍ବାହୀ ସଦସ୍ୟ ସଂକେତ କୁମାର ନାୟକ ଏବଂ ଟିପିଏନଓଡିଏଲ୍‌ର ସିଦ୍ଧାର୍ଥ ରୟ, ଏସ୍‌ଇ ଅଫିସ ବାଲେଶ୍ୱର ସର୍କଲ, ଦେବାଶିଷ ପୁହାଣ, ଇଇ, ସିଇଡି ଡିଭିଜନ, ସ୍ୱାଗତ ମୁଖାର୍ଜୀ, କେସିଜି, ହେଡ୍ ଅଫ୍ ଗ୍ରୁପ୍, ଏମଡି ଅସିଫ ହୋସେନ, କେସିଜି, ଟିମ୍ ଲିଡ୍, ଅବିନାଶ ଲେଙ୍କା, ଡିଭିଜନ୍ ସେଫ୍ଟି ଅଫିସର ଆଶୁତୋଷ ଦାସ, ସେଫ୍ଟି ଟ୍ରେନର, ପ୍ରଭାଜ ସ୍ୱାଇଁ, ଫୋର୍ ଅଫିସ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ବାଲେଶ୍ୱର, ଭଦ୍ରକ ଓ ମୟୁରଭଞ୍ଜ ଜିଲ୍ଲାର ବିଭିନ୍ନ ଚାଉଳ ମିଲରୁ ପ୍ରାୟ ୩୦ ଜଣ ଟେକ୍ନିସିଆନ ଏବଂ ଇଲେକ୍ଟ୍ରିସିଆନ ଉପସ୍ଥିତ ଥିଲେ।

## ରାଇବଣିଆ ରାସ୍ତାରେ ଗୋଚାଲାଣ ବଢୁଛି

ଜଳେଶ୍ୱର ବ୍ଲକ, ୩।୮(ସମିସ) : ଓଡ଼ିଶା ଓ ପଶ୍ଚିମବଙ୍ଗ ସୀମାନ୍ତ ରାଇବଣିଆ ଅଞ୍ଚଳରେ ଗୋଚାଲାଣ ବଢ଼ିଚାଲିଛି। ଓଡ଼ିଶା ବଶ୍ଚିମ ବଙ୍ଗକୁ ସଂଯୋଗ କରୁଥିବା ରାସ୍ତା ଯଥା ରାଇବଣିଆ ଥାନା ଅଧୀନରେ ଆସୁଥିବା ଓଲମରା ଗ୍ରାମ ପଞ୍ଚାୟତର ରାଜନଗର, ସର୍ଦ୍ଦାରବନ୍ଧ ଗ୍ରାମ ପଞ୍ଚାୟତର ଚୁଡ଼ାମଣିପୁର, ରଜା ବନ୍ଧର ପଳାସବଣୀ ଛକ କୁଶଗର୍ଡ ଫାଣ୍ଡି ଅଧିନ କଙ୍କଡାଫେରା, ହଳଦୀ ଗୁଣ୍ଡି, ଛୋଟ ବେଗୁନିଆ, ଧାନଘେରୀ ରାସ୍ତା ଦେଇ ଗୋ ଚାଲାଣ ସାଙ୍ଗକୁ ମଦ, ଚୋରି ସାମଗ୍ରୀ ନିରାଶ୍ରୟରେ ଯାଆ ଆସ ବଢ଼ି ଚାଲିଛି। ସତେ ପୋଲିସ ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଛି। କିଛି ଗ୍ରାମବାସୀ ଗାଡି ଅଟକାଇ ପୋଲିସକୁ ଖବର ଦେବାରୁ ଗୋ ଚାଲାଣକାରୀ ବ୍ୟକ୍ତି ମାନେ ଗୋ ମାତାଙ୍କୁ ରାସ୍ତାରେ ଦୟନୀୟ ଅବସ୍ଥାରେ ଛାଡ଼ି ସେଠାରୁ ଚମ୍ପଟ ମାରିଥିଲେ। ଗତ ରାତିରେ ମଧ ଏକ ଗୋ ମାତାକୁ ରାସ୍ତା ମଝିରେ କ୍ଷତାକ୍ତ ଅବସ୍ଥାରେ ଛାଡ଼ି ପଳାଇ ଯାଇଥିଲେ। ଗ୍ରାମ ଯୁବକ ମାନେ ଆଜି ସକାଳ ଗାଇଟିକୁ ଉଦ୍ଧାର କରି ଚିକିତ୍ସା କରାଇଥିଲେ। ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଦାବି ହେଉଛି।

## ବସ୍ତା ଶାରୀରିକ ଶିକ୍ଷା ଶିକ୍ଷକ ସଂଗଠନ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା



ବାଲିଆପାଳ, ୩।୮ (ସମିସ): ବସ୍ତା ଶାରୀରିକ ଶିକ୍ଷା ଶିକ୍ଷକ ସଂଗଠନ ତରଫରୁ ରବିବାର ଡଗରା ବେଳାଭୂମିରେ ବନ୍ଧୁମିଳନ ଓ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବସ୍ତା ବ୍ଲକର ଗର୍ବ ଏବଂ ଗୌରବ ତଥା ବାଲେଶ୍ୱରର ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଚନ୍ଦ୍ରକାନ୍ତ ଘଡାଇଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଆଦର୍ଶ ଶିକ୍ଷକ ସୁଧାଂଶୁ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ପୂର୍ବତନ ଶିକ୍ଷକ ତଥା ବ୍ଲକ ଉପାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ମହାପାତ୍ର, ସମ୍ମାନିତ ଅତିଥି ଭାବରେ ଶିକ୍ଷକ ବିଜନ ପ୍ରଧାନ, ବ୍ଲକ ସମ୍ପାଦକ ଅମ୍ବିକା ଜେନାଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଚନ୍ଦ୍ରକାନ୍ତ ସାରଙ୍କର ସଫଳତାର ସ୍ମୃତିଚାରଣ କରିବା ସହିତ ତାଙ୍କୁ ଅନେକ ଅଭିନନ୍ଦନ ଓ ସାଧୁବାଦ ଜଣାଇଥିଲେ। ବସ୍ତା କ୍ରୀଡାସଂଘ ତରଫରୁ ସାରଙ୍କୁ ମାନପତ୍ର ଏବଂ ସ୍ମୃତି ଫଳକ ପ୍ରଦାନ କରାଯାଇଥିଲା। ପୂର୍ବତନ ସମ୍ପାଦକ ପ୍ରଦୀପ କୁମାର ଦାସ ସ୍ୱାଗତ ଅଭିଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ଲଲାଟେନ୍ଦୁ ଦେ ବିବରଣୀ ପାଠ ଏବଂ ଉତ୍ସବ କମିଟି ମୁଖ୍ୟ ସାରସ୍ୱତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ସତ୍ୟରଞ୍ଜନ ପାତ୍ର, ପ୍ରାଣକୃଷ୍ଣ ନାୟକ, ସଦାନନ୍ଦ ପ୍ରଧାନ, ରାଜକିଶୋର ବାରିକ, ରଞ୍ଜିତା ସାହୁ, ଅନ୍ନପୂର୍ଣ୍ଣା ଦେ, ବ୍ରଜମୋହନ ବାରିକ, ପ୍ରତାପ ବେହେରା, ନରେନ୍ଦ୍ର ସାମଲ, ମହେନ୍ଦ୍ର ବେହେରା, ଅଜୟ ପ୍ରଧାନ, କମଳଲୋଚନ ବେହେରା, କମଳଲୋଚନ ସାହୁ, ସୁନାରାମ ସିଂହ ସୌରଭ ପଣ୍ଡା, କରୁଣାକର ମୁର୍ମୁ ପ୍ରମୁଖ ସହଯୋଗ କରିଥିଲେ।

## ବାଲେଶ୍ୱର-ବରପାଲି ସାରସ୍ୱତ ସଂପ୍ରୀତି ଯାତ୍ରା କାର୍ଯ୍ୟକ୍ରମ

ବାଲେଶ୍ୱର, ୩।୮(ସମିସ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ସ୍ରଷ୍ଟା ନାଟ୍ୟାଳୟ ପରିସରରେ 'ବାଲେଶ୍ୱର-ବରପାଲି ସରସ୍ୱତ ସଂପ୍ରୀତି ଯାତ୍ରା' ଶୀର୍ଷକ କାର୍ଯ୍ୟକ୍ରମ ଅନୁଷ୍ଠାନର ଉପସଭାପତି ଅଭିନେତା ନିରଞ୍ଜନ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପାଞ୍ଚଦିନ ବ୍ୟାପି ପଶ୍ଚିମାଞ୍ଚଳ ସାରସ୍ୱତ ଯାତ୍ରା ସଂପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ୬ ତାରିଖ ବୁଧବାର ରାତ୍ରିରେ ବାଲେଶ୍ୱର ଷ୍ଟେସନ ପରିସରରେ ଯାତ୍ରାର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହେବ। ୭ ତାରିଖ ଅପରାହ୍ନ ୩ ଘଟିକା ସମୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟଠାରେ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ରଙ୍କ ପୌରୋହିତ୍ୟରେ ଗଙ୍ଗାଧରଙ୍କ ସଂପର୍କିତ ସାରସ୍ୱତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ହେମେନ୍ଦ୍ର ମହାପାତ୍ରଙ୍କ ରଚିତ "କମ୍ବଳ" ନାଟକ ପ୍ରଦର୍ଶିତ ହେବ ଏବଂ ଦୁଇଜଣ ବରିଷ୍ଠ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବ। ସନ୍ଧ୍ୟା ସମୟରେ ଅନୁଷ୍ଠାନର କର୍ମକର୍ତ୍ତାମାନେ ଓଡ଼ିଶାର ବିଶିଷ୍ଟ ଗୀତିକାର ବିନୋଦ ପଶାୟତଙ୍କୁ ସାକ୍ଷାତ କରି ସମ୍ବର୍ଦ୍ଧନା ପ୍ରଦାନ କରିବେ। ୮ ତାରିଖ ସନ୍ଧ୍ୟାରେ ବରଗଡ଼ର ଗାନ୍ଧିସ୍ମୃତି ପାଠାଗାରରେ ସେଠିକାର ସାହିତ୍ୟିକ ସାହିତ୍ୟିକାମାନଙ୍କ ଗହଣରେ ଗଙ୍ଗାଧରଙ୍କ ସଂପର୍କିତ ସାରସ୍ୱତ ଆଲୋଚନା ଅନୁଷ୍ଠିତ ହେବ। ୯ ତାରିଖ ଦିନ ସ୍ୱଭାବ କବି ଗଙ୍ଗାଧରଙ୍କ ଜୟନ୍ତୀ ଦିବସରେ ଦିବସବ୍ୟାପୀ କାର୍ଯ୍ୟକ୍ରମରେ ଅନୁଷ୍ଠାନର କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିବେ। ପୂର୍ବାହ୍ନରେ ଗଙ୍ଗାଧରଙ୍କ ଗୃହାଙ୍ଗନରେ ଏକ ଆଲୋଚନା ଅନୁଷ୍ଠିତ ହେବା ସମସ୍ତ ସାହିତ୍ୟିକ ଏକ ଜ୍ୟୋତିଯାତ୍ରାରେ ବାହାରି ନିକଟସ୍ଥ ମହାବିଦ୍ୟାଳୟଠାରେ ଉପସ୍ଥିତ ହେବେ ଏବଂ ସେଠାରେ ଗଙ୍ଗାଧର ସାହିତ୍ୟର ଆଲୋଚନା କରାଯିବ। ସନ୍ଧ୍ୟାରେ ବରପାଲିଠାରେ ଗଙ୍ଗାଧର ମେହେର କ୍ଲବ୍ ସହଯୋଗିତାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଯେଉଁ ସାରସ୍ୱତ କାର୍ଯ୍ୟକ୍ରମ ଅନୁଷ୍ଠିତ କରିବ ସେଥିରେ ମଧ୍ୟ ବାଲେଶ୍ୱରର ସାହିତ୍ୟ ପ୍ରେମୀ ଯୋଗ ଦେବେ। ବରଗଡ଼ ଓ ବରପାଲି ଉତ୍ସବରେ ନାଟକ ମଧ୍ୟ ପରିବେଷଣ କରାଯିବ। ୧୦ ତାରିଖ ରବିବାର ପୂର୍ବାହ୍ନରେ ସମ୍ବଲପୁରରେ 'କଲମ' ସାହିତ୍ୟ ଅନୁଷ୍ଠାନ ସଙ୍ଗେ ମିଳିତ ଭାବରେ ଏକ ସାରସ୍ୱତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବାଲେଶ୍ୱରରୁ ୪୧ ଜଣ ସାରସ୍ୱତ ସାଧକ ସାଧିକା ବରପାଲିକୁ ଯାତ୍ରା କରିବେ। ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧୋତ୍ସବର ଶତବାର୍ଷିକୀ ସର୍ବତ୍ର ପାଳନ କରାଯାଉଥିବା ଯୋଗୁଁ ଏହି ସଂପ୍ରୀତି ଯାତ୍ରାର ଓଡ଼ିଆ ସହିତ୍ୟକୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ବୋଲି ଉତ୍ସବରେ ଅଂଶଗ୍ରହଣ କରିଥିବା ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ। ସଂଗଠନ ସମ୍ପାଦକ ତପନ ରାୟ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଜୁମର ନାଥ ପାତ୍ର ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ଶେଷରେ ଶାନ୍ତିଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



**୬ରୁ ୧୦ ପଶ୍ଚିମାଞ୍ଚଳ ଯାତ୍ରା ସମ୍ପର୍କରେ ଆଲୋଚନା**

## ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ଔପଦା, ୩।୮ (ସମିସ): ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ଅଧୀନରେ ଥିବା ବଡ ପୋଖରି ପଞ୍ଚାୟତ ଅଘାସୁଲ ଉଚ୍ଚପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ପିତାମ୍ବର ମହାନ୍ତିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଔପଦା ବ୍ଲର ଉପାଧ୍ୟକ୍ଷ ତଥା ବିଦ୍ୟାଳୟର ପ୍ରଥମ ସଭାପତି ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବରେ ପୂର୍ବତନ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦର୍ଶନ ରାଉତ, ମୁଖ୍ୟବକ୍ତା ଭାବରେ ପୂର୍ବତନ ପ୍ରଧାନ ଶିକ୍ଷକ ବସନ୍ତ ବେହେରା, ବରେଣ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ସୁଭଦ୍ରା ନାୟକ, ସମ୍ମାନିତ ଅତିଥି ଭାବେ ରବୀନ୍ଦ୍ର ନାଥ ରାଉତ, କୈଳାଶ ଚନ୍ଦ୍ର ମଲ୍ଲିକ, ବୈକୁଣ୍ଠ ନାଥ ମିଶ୍ର, ଭଗବାନ ବିଶ୍ୱାଳ, ଆନନ୍ଦ ନାୟକ, ଶ୍ରୀଧର ମଲ୍ଲିକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମଞ୍ଚ ପରିଚାଳନା କରିଥିଲେ ରାଜ୍ୟପୁରସ୍କାର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା କବି ନିରଂଜନ ପ୍ରସାଦ ବାରିକ। ଅତିଥିମାନଙ୍କ ପରିଚୟ ପ୍ରଦାନ ସହ ଧନ୍ୟବାଦ ଅର୍ପଣ କରିଥିଲେ ପୂର୍ବତନ ଛାତ୍ର କ୍ଷୀରୋଦ ଯେନା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଂଜନ ରାଉତ ପ୍ରାରମ୍ଭିକ ସୁଚନା ପ୍ରଦାନ କରିଥିଲେ। ପରେ ଏକ ବିଶାଳ ପଟୁଆରରେ ଗ୍ରାମ ପରିକ୍ରମା କରି ଶିକ୍ଷକଙ୍କ ବାସଭବନ ଦାରିପୋଖରିଠାରେ ଛାଡି ଦେଇଆସିଥିଲେ।

## ବିପଦସଂକୁଳ ଟ୍ରାନ୍ସଫର୍ମର ସ୍ଥାନାନ୍ତର ଦାବି



ନୀଳଗିରି, ୩।୮ (ସମିସ): ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠର ବାବା ପଞ୍ଚଲିଙ୍ଗେଶ୍ୱର ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ମିଶନ ଶକ୍ତି କାଫେ ଉତ୍ତର ପାଶ୍ୱର୍ରେ ଥିବା ଟ୍ରାନ୍ସଫର୍ମର ବିପଦସଂକୁଳ ଅବସ୍ଥାରେ ରହିଛି। ଏହାକୁ ସଂଯୋଗ କରୁଥିବା ବିଦ୍ୟୁତ ତାର ବହୁ ନିମ୍ନରେ ରହିଥିବା କାରଣରୁ ମୁଣ୍ଡ ଉପରେ ବିପଦ ଘନଉଛି। ଯେଉଁ ୨ଟି ଖୁମ୍ବ ସହାୟତାରେ ଟ୍ରାନ୍ସଫର୍ମର ଛିଡା ହୋଇଛି ତାହା ମଧ୍ୟ ଗୋଟିଏ ଦିଗକୁ ଢଳି ଗଲାଣି। ଯେକୌଣସି ସମୟରେ ଅଘଟଣକୁ ଏଡ଼ାଇ ଦେଇହେବ ନାହିଁ। ବିଭାଗ ପକ୍ଷରୁ ଲୁହା ଖୁଣ୍ଟ ବସାଯାଇଥିଲେ ମଧ୍ୟ କାମରେ ବିଳମ୍ବ ହେଉଥିବାରୁ ଦୋକାନୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଆଗକୁ ଆହୁରି ୨ ପାଳି କାଉଡିଆ ଭକ୍ତମାନେ ପୀଠକୁ ଆସିବାକୁ ଥିବା ବେଳେ ଟ୍ରାନ୍ସଫର୍ମର ବଦଳି ତୁରନ୍ତ ହେବା ନେଇ ଦୋକାନୀମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ଛାତ୍ର ଓ ଯୁବ ଚେତନା ଜାଗୃତି ସମାଜ କଲ୍ୟାଣ କାର୍ଯ୍ୟକ୍ରମ

ନୀଳଗିରି, ୩।୮ (ସମିସ): ନୀଳଗିରିସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଡିଭାଇନ ଏଜୁକେଶନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଆଜି ବାଲୋଗୋହିରି ସ୍ଥିତ ରତ୍ନାକର ଟାଉନ ହାଇସ୍କୁଲ ସଭା ଗୃହରେ "ଛାତ୍ର ଓ ଯୁବ ଚେତନା ଜାଗୃତି ସମାଜ କଲ୍ୟାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି। ଏହାର ପ୍ରମୁଖ ବିଷୟ ଥିଲା ନିଶା ଓ ମୋବାଇଲ ପ୍ରବଣତା



ପ୍ରଶମନ। ଅର୍ଥାତ ଆଜିର ଯୁବ ଓ ଛାତ୍ର ସମାଜ ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ଦିଶାହୀନ ନିମନ୍ତେ ଦାୟୀ ସେହି ରାକ୍ଷାସ ରୂପୀ ନିଶାସକ୍ତ ଜୀବନ ଓ ମୋବାଇଲକୁ ପେଶା କରିବା। ଏକ ବିକଳାଙ୍ଗ ସମାଜର ପ୍ରସ୍ତୁତି କରୁଛି ନିଶା ଓ ମୋବାଇଲ। ଏହି କାର୍ଯ୍ୟକ୍ରମରେ ରତ୍ନାକର ଟାଉନ ହାଇ ସ୍କୁଲ ର ପୂର୍ବତନ ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମାଜପ୍ରେମୀ ନୀଳଗିରି ସ୍ଥିତ ଡିଭାଇନ ଏଜୁକେଶନାଲ ଟ୍ରଷ୍ଟ ସମ୍ପାଦକ ତଥା ଡିଭାଇନ ଟ୍ୟୁଟୋରିଆଲ୍‌ର ଅଧ୍ୟକ୍ଷ ସୁଶାନ୍ତ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ନୀଳଗିରିର ତହସିଲଦାର ସୋନମ ଦାସ (ଓଏସ), ବିଶିଷ୍ଟ ଅତିଥି ନୀଳଗିରି ଏସଡିପିଓ ପ୍ରମୋଦ କୁମାର ମଲ୍ଲିକ, ସମ୍ମାନିତ ବକ୍ତା ନିଉ ଲାଇଫ ୱେଲେନେସ ଟ୍ରଷ୍ଟର ନିର୍ଦ୍ଦେଶକ ବିକ୍ରମ କେଶରୀ ଦାସ, ସମ୍ମାନିତ ଅତିଥି ନୀଳଗିରି ମହିଳା ମହା ବିଦ୍ୟାଳୟର ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ସାହୁ ମହାଭାଗ ଯୋଗଦାନ ସହିତ ବହୁ ବୁଦ୍ଧିଜୀବୀ,ଶିକ୍ଷକ ଓ ଯୁବ ଛାତ୍ରବର୍ଗ ଯୋଗଦାନ କରି ଉକ୍ତ କର୍ମଶାଳାକୁ ପ୍ରଶ୍ନ ଉତ୍ତର ଓ ପ୍ରେରଣା ଉକ୍ତି ମାଧ୍ୟମରେ ସଫଳତାର ଶୀର୍ଷକ ସୃଷ୍ଟି କରିଛନ୍ତି। ଏହା ସହିତ ମଞ୍ଚ ପରିଚାଳନା କରୁଥିଲେ ଟ୍ରଷ୍ଟ ର ସଦସ୍ୟା କ୍ରିଷ୍ଣା ସାହୁ, ଦୀପ୍ତିସ୍ମିତ୍ରା ପଣ୍ଡା ଓ ଲୋପାମୁଦ୍ରା ମହାନ୍ତି।

# ପୋଲ ନିର୍ମାଣ ଅବଧି ପୂରିଲା, ସରିଲାନି କାମ

ନୀଳଗିରି, ୩।୮ (ସମିସ)



ନୀଳଗିରି, ରେମୁଣା ଓ ମୟୂରଭଞ୍ଜ ଜିଲ୍ଲାର ଜୀବନରେଖା ରାସ୍ତା ଉପରେ ଆରଡ଼ି ପକ୍ଷରୁ ବେଗୁନିଆ ଜୋରସେତୁ ନିର୍ମାଣ କାର୍ଯ୍ୟ ଅବଧି ସରିଥିଲେ ସୁଦ୍ଧା ଠିକାଦାର ଓ ଯନ୍ତ୍ରୀଙ୍କ ସଲାସୁତୁରା ଯୋଗୁଁ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରି ନାହିଁ। ଠିକାଦାର ଜଣକ ନିମ୍ନମାନର କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ବର୍ଷା ଦିନ ପୂର୍ବରୁ ଶେଷ ହୋଇ ପାରିଲା ନାହିଁ ପୋଲ କାମ, ଫଳରେ ବନ୍ୟା ଆସିଲେ ନୀଳଗିରି ବ୍ଲକ ୩ଟି ପଞ୍ଚାୟତ ସହିତ ପଡ଼ୋଶୀ ମୟୂରଭଞ୍ଜ ଜିଲ୍ଲା ଗୋପବନ୍ଧୁନଗର ବ୍ଲକ ୩ ପଂଚାୟତ ଓ ରେମୁଣା ବ୍ଲକର ୪ଟି ପଂଚାୟତ ଜଳମଗ୍ନ ହେବ, ଯାହାକୁ ନେଇ ଚିନ୍ତାରେ ଅଛନ୍ତି ଅଞ୍ଚଳବାସୀ। ଅପରପକ୍ଷରେ ଠିକାଦାର ଜଣକ ବିଭାଗୀୟ ଯନ୍ତ୍ରୀଙ୍କୁ ହାତ ବାରିଶି କରି ମନଇଚ୍ଛା ନିମ୍ନମାନର କାମ କରୁଥିବା ବେଳେ ଖୋଦ ଆରଡ଼ି ଉଚ୍ଚପଦସ୍ଥ ବିଭାଗୀୟ ଅଧିକାରୀ ଓ ରାଜନେତା ମାନେ ନିରବ ରହିବା ଗ୍ରାମବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି।

ସୂଚନାଯୋଗ୍ୟ, ନୀଳଗିରି ବ୍ଲକ ଅଧିନସ୍ଥ ବେଗୁନିଆ ପଂଚାୟତ ୯ନଂ ୱାଡର୍ ଗୌଡ଼ସାହି ରେ ଜୋର ସେତୁ ନିର୍ମାଣ ପାଇଁ ଆରଡି ବିଭାଗ ପକ୍ଷରୁ ୫କୋଟି ୮୦ଲକ୍ଷ ଟଙ୍କା ୨୦୨୩-୨୪ରେ ବ୍ୟୟ ବରାଦ କରାଯାଇଥିଲା। ଏହାକୁ ପୂର୍ବତନ ମନ୍ତ୍ରୀ ତଥା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ନୀଳଗିରି ପୂର୍ବତନ ବିଧାୟକ ଇଂ. ସୁକାନ୍ତ ନାୟକ ଶିଳାନ୍ୟାସ କରିଥିଲେ। ଉକ୍ତ ପୋଲ ନିର୍ମାଣ ହେଲେ ନୀଳଗିରି-ରେମୁଣା ଓ ମୟୁରଭଞ୍ଜ ଜିଲ୍ଲାକୁ ସଂଯୋଗ ହୋଇପାରିବ, ଫଳରେ ସୋନ ଓ ଜୋର ନଦୀ ପାଇଁ ୩ ବ୍ଲକର ବାସିନ୍ଦା ଯେଉଁ ବିଚ୍ଛିନ୍ନ ହୋଇଥିଲେ ତାହା ଦୂର ହେବା ସହ ଅର୍ଥନୀତି କ୍ଷେତ୍ରରେ ସୁଦୃଢ ହୋଇ ପାରିବ। ଉକ୍ତ କାର୍ଯ୍ୟକୁ ମୟୁରଭଞ୍ଜ ଜିଲ୍ଲାର ରତନପୁର ଗ୍ରାମର କ୍ଷୀତିଶୀ ଚୌଧୁରୀ ନାମକ ଠିକାଦାର ନେଇଛନ୍ତି। ଠିକାଦାର ଜଣକ ଆର ଡି ଯନ୍ତ୍ରୀ ଇଂ ଦେବବ୍ରତ ଗାରୁ ଓ ବିଭାଗୀୟ ଅଧିକାରୀଙ୍କୁ ହାତ ବାରିଶି କରି ନିମ୍ନମାନର ସିମେଣ୍ଟ, ରଡ଼, ଚିପିସି, ବାଲି, ଇଟା ବ୍ୟବହାର କରିବା ସହିତ ପୁରୁଣା ପୋଲ ଭାଙ୍ଗିଲା ବେଳେ ବାହାରି ଥିବା ପୁରୁଣା ରଡ଼, ଇଟା, ମେଟାଲକୁ ବ୍ୟବହାର କରିଥିବା ଅଭିଯୋଗ ହେଉଛି। ଉକ୍ତ କାର୍ଯ୍ୟର ୩୧ମାର୍ଚ୍ଚ୨୦୨୫ରୁ ଶେଷ ହୋଇଥିଲା ବେଳେ ଦୁଇ ପାଶ୍ୱର୍ରେ୨ଟି ସ୍ପାନ ନିର୍ମାଣ ହୋଇଥିଲା ବେଳେ ଅଦ୍ୟାବଧି ମଝିରେ ଆଉ ୨ଟିସ୍ପାନ ନିର୍ମାଣ ହୋଇ ନାହିଁ। ଆଗକୁ ବର୍ଷା ଋତୁ ଆସୁଥିବାରୁ ସୋନ ନଦୀ ଏବଂ ଜୋର ନଦୀ ବନ୍ୟା ଆସିଲେ ଆପଚିଙ୍ଗି ରୋଡ ଧୋଇ ନେଲେ ବେଗୁନିଆ ପଂଚାୟତରୁ ଡୁମଅଣ୍ଡିରା, ନିଶ୍ଚନ୍ଦପୁର, ସୂର୍ଯ୍ୟପୁର, ଶଂସାପାଳ, ତୋଟାପାଳ, ରାମଚନ୍ଦ୍ର ପୁର, ନିଇ ଛନ୍ନ ପୁର, ଭକ୍ତାନନ୍ଦପୁର, ମୟୁରଭଞ୍ଜ ଜିଲ୍ଲାର ଗୋପବନ୍ଧୁ ନଗର ବ୍ଲକରତନପୁର ଧାମ୍ଭଡିଆ, ରାଉତରାୟ ପୁର, ଆରପଟ୍ଟା, କୁଆମାରା ବେତନଟୀ, ମାଣତ୍ରି, ଏବଂ ରେମୁଣା ବ୍ଲକର ଦୁର୍ଗା ଦେବୀ, ତେନ୍ତୁଦା, ନୂଆପଢି, ଗୁଡୁଦା ପଞ୍ଚାୟତ ସମେତ ବହୁ ଅଞ୍ଚଳ ବାହ୍ୟ ଜଗତରୁ ବିଚ୍ଛିନ୍ନ ହେବା ସାର ଅଟେ। ବେଳ ହୁଁ ସାବଧାନ ନୀତିରେ ଆରଡ଼ି ବିଭାଗ ସଚେତନ ନ ହେଲେ ବଡ଼ ମୂଲ୍ୟ ଦେବାକୁ ପଡିବ ବୋଲି ବେଗୁନିଆ ପଂଚାୟତର ଗଣେଶ୍ୱର ସେଠୀ, ଦାଶରଥି ପଲେଇ, ନରସିଂହ ଦଲେଇ, ଭାଗିରଥି ବେଉରିଆ, ପୂର୍ଣ୍ଣ ଚନ୍ଦ୍ର ବେହେରା, ସତ୍ୟ ବାରିକ, ରତ୍ନାକର ଧଡ଼ା ପ୍ରମୁଖ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ଏ ସମ୍ପର୍କରେ ଆରଡ଼ିର ସହକାରୀ ଯନ୍ତ୍ରୀ ଇଂ ଗାରୁ ଅବଧି ଶେଷ କଥାକୁ ସ୍ୱୀକାର କରିଥିବା ପୋଲ ଡିଜାଇନ ପରିବର୍ତ୍ତନ ପାଇଁ ଯାଇଛି କହିବା ସହ ନିମ୍ନ ମାନର କଥାକୁ ଅସ୍ୱୀକାର କରିଛନ୍ତି।

**୧୦ ପଞ୍ଚାୟତବାସୀ ହନ୍ତସନ୍ତ**

**ନିମ୍ନମାନର କାର୍ଯ୍ୟ ଅଭିଯୋଗ, ଭିଜିଲାନ୍ସ ତଦନ୍ତ ଦାବି**

